## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସକାଳ ୯ଟା।

**ବାଲିଅନ୍ତା**

- ୭୫ତମ ସ୍ୱାଧୀନତା ଦିବସ ପାଳନ, ନହରକଣ୍ଟା, ସରସ୍ୱତୀ ବିଦ୍ୟା ମନ୍ଦିର, ସକାଳ ୭ଟା ୩୦।
- ରାଧାମୋହନ ଯୁବକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ଭିଙ୍ଗାରପୁର ଶାସନ, ସକାଳ ୮ଟା।
- ଖାରବେଳ ଇଷ୍ଟେଟ ଉନ୍ନୟନ ପରିଷଦ ପକ୍ଷରୁ ପ୍ରଥମ ବାର୍ଷିକ ସ୍ମରଣିକା ଉନ୍ମୋଚନ ଉତ୍ସବ, ନଖରା, ସକାଳ ୯ଟା।
- ଜଗମୋହନ ଶ୍ମଶାନ ସୁରକ୍ଷା କମିଟି ପକ୍ଷରୁ ଚାରାରୋପଣ, ହରିଦାସପୁର, ନହରକଣ୍ଟା, ସକାଳ ୯ଟା।

## ଲେଖକମାନେ ସ୍ୱାଧୀନ ଚେତନାର ବାର୍ତ୍ତା ବାଣ୍ଟିଥାନ୍ତି



ଭୁବନେଶ୍ୱର, ୧୪।୮(ବ୍ୟୁରୋ): କୋଠଘର ଆମ ସାହିତ୍ୟ ପରିବାର ତରଫରୁ ସାହିତ୍ୟିକା ତଥା ଅନୁବାଦିକା ଡ.ଶକୁନ୍ତଳା ବଳିଆର ସିଂହଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସ୍ୱାଧୀନତାର ପ୍ରଗତି ଓ ଗତି' ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୁସେନ ରବି ଗାନ୍ଧୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଉପରେ ଆଲୋକପାତ କରି ଲେଖକ, କବିମାନେ ନିଜ ଲେଖନୀ ମାଧ୍ୟମରେ ସ୍ୱାଧୀନ ଚେତନାର ବାର୍ତ୍ତା ବାଣ୍ଟିଥାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ତଥା ଐତିହାସିକ ଡ. ସତ୍ୟନାରାୟଣ ମିଶ୍ର ଯୋଗଦେଇ ସ୍ୱାଧୀନତାର ପ୍ରଗତି ଓ ଗତି ଉପରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଦୁର୍ନୀତି ମୁକ୍ତ ଚିନ୍ତାଧାରାରେ ଆନ୍ଦୋଳନ କରି ପ୍ରଗତି ଦିଗରେ ବ୍ରତୀ ହେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଅତିଥି କଣ୍ଠଶିଳ୍ପୀ କ୍ରିଷ୍ଣପ୍ରିୟା ମିଶ୍ର ସ୍ୱାଗତ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କବି ଭାବଗ୍ରାହୀ ବଳ, ଡ. ସୁଷମା ମିଶ୍ର, ଡ. ସଂଘମିତ୍ରା ଭଞ୍ଜ, ସବ୍ୟସାଚୀ ମିଶ୍ର, ରକ୍ଷକ ନାୟକ ଅରୁଣ କୁମାର ମହାନ୍ତି, ସୁଷମା ପରିଜା, ଡ.ଅଞ୍ଜଳି ତ୍ରିପାଠୀ , ବିଜୟଲକ୍ଷ୍ମୀ ମହାନ୍ତି, ପଟ୍ଟନାୟକ ସୁଜାତା ମହାପାତ୍ର ପ୍ରମୁଖ ଦେଶାତ୍ମବୋଧକ କବିତା ପାଠ କରିଥିଲେ। କୋଠଘର ପ୍ରତିଷ୍ଠାତା ସମ୍ପାଦିକା ଅମ୍ବିକା ସ୍ୱାଇଁ ସ୍ୱାଗତ ଅଭିଭାଷଣ ଓ ଡ.ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ।

# 'ଉତ୍କୃଷ୍ଟତା ଲାଗି ପ୍ରୟାସ ଜାରି ରହୁ'

## କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ

- ଆମ୍ମାଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ
- ବଲ୍ଲଭ ଭନ୍‌ଶାଲି, ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ଡକ୍ଟରେଟ୍
- ୨୫ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ, ୩୧ଜଣଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୪।୮(ବ୍ୟୁରୋ)




ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ଉପସ୍ଥିତିରେ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଜଣେ ଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରୁଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କହିଲେ, ତୁମେମାନେ ଯେଉଁସବୁ ଜ୍ଞାନ ଆହରଣ କରିଛ, ତାହା ତୁମର ଭବିଷ୍ୟତ ନିର୍ମାଣ କରିବାରେ ସହାୟକ ହେବ। ଉତ୍କୃଷ୍ଟତା ଲାଗି ସମସ୍ତେ ପ୍ରୟାସ ଜାରି ରଖିବା ଆବଶ୍ୟକ। ଏଥିରୁ ଯେଉଁ ସଫଳତା ହାସଲ କରିବ ତାହା ସମାଜର ଦୁର୍ବଳ ବର୍ଗର ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ପ୍ରଭାବ ପକାଇବ ବୋଲି ପ୍ରଧାନ କହିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତା ଅମୃତାନନ୍ଦମୟୀ ଦେବୀ (ଆମ୍ମା)ଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିଭଳି ବିଶିଷ୍ଟ ଶିକ୍ଷାବିତ୍, ସାମାଜିକକର୍ମୀ ତଥା ଏନାମ୍ ଗ୍ରୁପ୍ ଏବଂ ଦେଶ ଆପନାଏଁ ସହଯୋଗ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଓ ଫ୍ଲେମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ବଲ୍ଲଭ ଭନ୍‌ଶାଲି, ଫ୍ରାନ୍ସର ବିଶିଷ୍ଟ ରସାୟନ ନୋବେଲ୍ ବିଜେତା ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଡିଲିଟ୍ ସମ୍ମାନ ଗ୍ରହଣ କରି ଅମୃତାନନ୍ଦମୟୀ କହିଲେ, ପରବର୍ତ୍ତୀ ପିଢ଼ି ପାଇଁ ଶିକ୍ଷା ଜରିଆରେ ମାନବିକ ମୂଲ୍ୟବୋଧ ତିଆରି କରିବା ହେଉଛି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ। ସେହିପରି କୃତଜ୍ଞତାଠାରୁ ଉଚ୍ଚ କୌଣସି ମାନବିକ ପ୍ରକୃତି ନାହିଁ ବୋଲି ଭନ୍‌ଶାଲି କହିବା ସହ ଛାତ୍ରୀଛାତ୍ର ଏହି ଧର୍ମ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଡ. ଲେନ୍ କିଟ୍ ଓ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଡ. ସାମନ୍ତ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୁଳାଧିପତି ପ୍ରଫେସର ବେଦ ପ୍ରକାଶ, ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ସସ୍ମିତା ସାମନ୍ତ ବାର୍ଷିକ ବିବରଣୀ ପାଠ କରିବା ସହ କିଟ୍‌ର ବିଶ୍ୱସ୍ତରୀୟ ର୍ୟାଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ୨୦୨୦-୨୧ ବ୍ୟାଚ୍‌ର ମୋଟ୍ ୭,୦୩୨ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଆୟୁଷ କୁମାର, ବାସେଲ୍ ନାସର ଏବଂ ସୁଧାଂଶୁ ଉପାଧ୍ୟାୟଙ୍କୁ ଚଳିତବର୍ଷର ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ ୨୨ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୩୧ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଦିଆଯାଇଥିବାବେଳେ ୬୧ଜଣ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା।

## ବେହେରଣ ଦ୍ୱାର, ସାତ ପାହାଚ ଦ୍ୱାର ପାଇଁ ଗଲା ରୁପା

ପୁରୀ ଅଫିସ,୧୪।୮

ଶ୍ରୀମନ୍ଦିର ପରିସରରେ ଥିବା ୮ଟି ଦ୍ୱାରକୁ ରୁପା ଛାଉଣି କରିବା ପ୍ରକ୍ରିୟା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋରରେ ଆଗେଇ ଚାଲିଛି। ରଥଯାତ୍ରା ସମୟରେ ପ୍ରାରମ୍ଭିକ ଭାବେ ଶ୍ରୀମନ୍ଦିରର ଜୟବିଜୟ ଓ ଭୋଗମଣ୍ଡପ ଘରର ଦ୍ୱାରକୁ ପରୀକ୍ଷାମୂଳକ ଭାବେ ରୁପା ଛାଉଣି କରାଯାଇଥିଲା। କବାଟ କାମ ସରିବା ପରେ ରୁପା ଛାଉଣି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ବେହେରଣ ଦ୍ୱାର ଓ ସାତପାହାଚ ଦ୍ୱାର କବାଟରେ ରୁପା ଛାଉଣି ପାଇଁ ରୁପା ଶ୍ରୀମନ୍ଦିରକୁ ଯାଇଛି। ଏହି କବାଟ ଓ ରୁପା ଛାଉଣି ତତ୍ତ୍ୱାବଧାନ ପାଇଁ ଇଞ୍ଜିନିୟର ଓ ସେବାୟତଙ୍କୁ ନେଇ ୨ଟି କମିଟି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠିତ ହୋଇଛି। ତେବେ କାର୍ଯ୍ୟ ସମୟରେ ମୂଳ ଦ୍ୱାରର ଡିଜାଇନ୍ ଅକ୍ଷୁଣ୍ଣ ରହିବା ସହ ଉତ୍କଳୀୟ କଳାସ୍ଥାପତ୍ୟର ଡିଜାଇନ୍ ମଧ୍ୟ ସ୍ଥାନ ପାଇଛି। ମୁମ୍ବାଇର ଜଣେ ଦାତା ଏ ସମସ୍ତ ରୁପା ଦାନସୂତ୍ରରେ ଯୋଗାଇଛନ୍ତି। ରୁପାଦ୍ୱାର ଛାଉଣିରେ ୧୩୪୫ କେଜି ରୁପା ଦାନସୂତ୍ରରେ ମିଳିଛି। ତେବେ ସମସ୍ତ କବାଟ ନିର୍ମାଣରେ ପ୍ରାୟ ୨ ଟନ ରୁପା ବ୍ୟବହୃତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପରେ କଳାହାଟ ଓ ଅନ୍ୟ ୪ ପାର୍ଶ୍ୱଦେବଦେବୀ ମନ୍ଦିରର ରୁପା ଛାଉଣି ହେବ।

# 'ବନ୍ଦେ ମାତରମ୍'ର ଦେଶଭକ୍ତି ବାର୍ତ୍ତା




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ 'ବନ୍ଦେ ମାତରମ୍' ସଙ୍ଗଠନର କର୍ମକର୍ତ୍ତାମାନେ ତ୍ରିରଙ୍ଗା ପତାକା ଧରି ଦେଶଭକ୍ତିର ବାର୍ତ୍ତା ଦେଉଛନ୍ତି।

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ବନ୍ଦେମାତରମ୍ ସଙ୍ଗଠନ ଦେଶାତ୍ମବୋଧକ ପଥପ୍ରାନ୍ତ କାର୍ଯ୍ୟକ୍ରମ 'ମେରି ଜାନ୍ ହିନ୍ଦୁସ୍ତାନ୍' ଆୟୋଜନ କରି ଦେଶଭକ୍ତିର ବାର୍ତ୍ତା ବାଣ୍ଟିଛି। ସଂଗଠନର ସମସ୍ତ ସଦସ୍ୟ ନିଜ ଶରୀରକୁ ତ୍ରିରଙ୍ଗା ରଙ୍ଗରେ ରଙ୍ଗାଇ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ। ଏଥିସହ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ମଧ୍ୟ ଗାଇଥିଲେ। ଜାତି, ଧର୍ମ, ଧନୀ, ଗରିବ ଭେଦଭାବକୁ ଭୁଲି ସମସ୍ତ ଭାରତୀୟ ନିଜ ଦେଶର ଜାତୀୟ ପତାକା ତ୍ରିରଙ୍ଗାକୁ ଉଡାଇବା ପାଇଁ ଅନୁରୋଧ କରିବା ସହ ମାଗଣାରେ ପତାକା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତ୍ରିରଙ୍ଗା ପ୍ରିୟଦର୍ଶନ, ଯାଜ୍ଞସେନୀ ରାଉତ, ଲାଡ୍‌ଲି, ପୂର୍ବୀ, ମାୟା, ବନ୍ଦେମାରତମ୍, ପୂର୍ଣ୍ଣଚନ୍ଦ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ 'ଛୋଟ ପରିବାର ହବ ତ ଅଲମ୍ପିକ୍‌କୁ ଯିବ' ଶୀର୍ଷକ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ଛୋଟ ପରିବାର ସହିତ ଅଲମ୍ପିକ୍ସର କ'ଣ ସମ୍ପର୍କ ରହିଛି ତାହା ନାଟକରେ ଦର୍ଶାଯାଇଥିଲା।

## ୧୭ରୁ ଝୁଲଣ ଯାତ୍ରା ଆରମ୍ଭ

ପୁରୀ ଅଫିସ, ୧୪।୮

ଆସନ୍ତା ୧୭ ତାରିଖଠାରୁ ମଠବାଡ଼ି ଓ ଶ୍ରୀମନ୍ଦିରରେ ଆରମ୍ଭ ହେବ ବର୍ଷାକାଳୀନ ରାସ ତଥା ଝୁଲଣ ଯାତ୍ରା। ଏହା ୭ଦିନ ବ୍ୟାପୀ ଚାଲିବ। ଝୁଲଣ କୁଞ୍ଜରେ ବିଜେ ହେବେ ଶ୍ରୀ ରାଧାକୃଷ୍ଣ। କୁଞ୍ଜରେ ଝୁଲିବେ ଶ୍ରୀ ଲକ୍ଷ୍ମୀ, ସରସ୍ୱତୀ ଓ ମଦନ ମୋହନ। ହେଲେ ଚଳିତବର୍ଷ ଠାକୁରଙ୍କ ରୀତି ନୀତି କେବଳ ଅନୁଷ୍ଠିତ ହେବ, ଶ୍ରଦ୍ଧାଳୁମାନେ ବିଭିନ୍ନ ମଠ ବାଡ଼ିରେ ଝୁଲଣ ମଣ୍ଡପରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହେବେ। ଝୁଲଣ ମହୋତ୍ସବ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ହେବ। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନି ବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହେବ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ ଭୂଦେବୀଙ୍କୁ ଦକ୍ଷିଣ ଘରୁ ମଦନମୋହନଙ୍କୁ ଖଟ ଶେଜରେ ବିଜେ କରାଇବେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବେ। ତିନିବାଡରେ ଆଳତି ପରେ ତିନି ମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ଅଣାଯିବ। ବିଡିଆ ପାନ ମଣୋହି ଓ ସନ୍ଧ୍ୟା ଧୂପ ସରିଲେ ଝୁଲଣ ମଣ୍ଡପଠାରେ ପଞ୍ଚ ଉପଚାରରେ ପୂଜା ହେବ। ଚନ୍ଦନ ଲାଗି ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନ ମୋହନକୁ ଦକ୍ଷିଣଘର ଓ ଦୁଇ ଠାକୁରାଣୀକୁ ଗର୍ଭ ଗୃହକୁ ବିଜେ କରାଇବେ।

## ଶ୍ରଦ୍ଧାଙ୍କୁ 'ମିସେସ୍ ଇଣ୍ଡିଆ ନୟନତାରା' ଟାଇଟଲ୍



ଭୁବନେଶ୍ୱର, ୧୪।୮(ବ୍ୟୁରୋ)

### ମନୀଷା ରାଣୀ ପ୍ରଥମ, ସୟଦ ସୁମନ ଦ୍ୱିତୀୟ ରନର୍ସଅପ୍

'ମିସ୍ ଇଣ୍ଡିଆ ନୟନତାରା'ର ଅପୂର୍ବ ସଫଳତା ପରେ ଏସ୍‌ଜେ ପ୍ରଡକ୍ସନ ହାଉସ୍ ପକ୍ଷରୁ ଅନ୍‌ଲାଇନ୍‌ରେ ଚାଲିଥିବା 'ମିସେସ୍ ଇଣ୍ଡିଆ ନୟନତାରା' ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। କୋଲକାତାର ଶ୍ରଦ୍ଧା ଭଟ୍ଟାଚାର୍ଯ୍ୟ 'ମିସେସ୍ ଇଣ୍ଡିଆ ନୟନତାର' ଟାଇଟଲ୍ ହାସଲ କରିଛନ୍ତି। ସେହିପରି ଭୁବନେଶ୍ୱରର ମନୀଷା ରାଣୀ ଦାଶ ପ୍ରଥମ ଓ ବଲାଙ୍ଗୀର ସୟଦ ସୁମନ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି।

ସର୍ବଭାରତୀୟ ସ୍ତରରେ ଏହି ପ୍ରତିଯୋଗିତାରେ ପ୍ରାୟ ୪୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ୟକ୍ତିତ୍ୱ ବିକାଶ, ଯୋଗାଯୋଗ ଦକ୍ଷତା, ସୌନ୍ଦର୍ଯ୍ୟ, ମାନସିକ ଓ ଶାରୀରିକ କାର୍ଯ୍ୟ, ଆଚରଣ ପରିଚାଳନା, ଅନ୍‌ଲାଇନ୍ କ୍ଲାସ୍ ଓ ଗ୍ରୁମିଙ୍ଗ୍ ସହିତ ୩ ମାସର ଅନ୍‌ଲାଇନ୍ ଅଧିବେଶନ କରାଯାଇ ଗ୍ରାଣ୍ଡ୍ ଫିନାଲେ ପାଇଁ ଶ୍ରେଷ୍ଠ ୭ଜଣଙ୍କୁ ଚୟନ କରାଯାଇଥିଲା। ଏସ୍‌ଜେ ପ୍ରଡକ୍ସନର ଫାଉଣ୍ଡର ତଥା ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ସେମାନଙ୍କୁ ଯୋଗାଯୋଗ ଦକ୍ଷତା ଓ ଆଚରଣ ପରିଚାଳନା ଉପରେ ପ୍ରଶିକ୍ଷଣ ଦେଇଥିବାବେଳେ, ଚନ୍ଦନ ଦାସ ବ୍ୟକ୍ତିତ୍ୱ ବିକାଶ, ସାଗରିକା ମହାନ୍ତି ଶରୀର ଯତ୍ନ, ବିଭୁଦତ୍ତ ଦାସ ସାଧାରଣ ଜ୍ଞାନ ଓ ନୃତ୍ୟ, ଚିନ୍ମୟ ପ୍ରଧାନ କ୍ରୀଡା ଓ ବ୍ୟାୟାମ ସମ୍ପର୍କରେ ଟ୍ରେନିଂ ଦେଇଥିଲେ। ଫିନାଲେରେ ପ୍ରତିଯୋଗୀମାନେ ଡିଜାଇନର ଜିତ୍ ଜଗଜିତ୍ ଓ ନିକିତା ନାୟକଙ୍କ ପୋଷାକ ପରିଧାନ କରିଥିଲେ। ଏଥିସହ ଡିମ୍ପି ମହାପାତ୍ର ମେକଅପ୍ ଓ କେଶ ବିନ୍ୟାସ କରିଥିଲେ। ଉଦ୍ୟୋଗକାରୀ ବନସ୍ମିତା ପତି, ଶିକ୍ଷାବିତ୍ ବବିତା ପଟ୍ଟନାୟକ, ମଡେଲ୍ ତଥା ଅଭିନେତ୍ରୀ ଜାଗୃତି ରଥ ଓ ମିଡିଆ ପର୍ସନ ତପସ୍ୱିନୀ ପଟ୍ଟନାୟକ ବିଚାରକ ରହିଥିଲେ। ପ୍ରତିଯୋଗିତାରେ ଅନ୍ୟ ୪ଜଣ ଫାଇନାଲିଷ୍ଟ ସୁଦୀପ୍ତା ରାଣୀ ବିଶ୍ୱାଳ, ନେହା ଅଗ୍ରୱାଲ, ମୋନାଲିସା ପାଢୀ ଓ ଜ୍ୟୋତିରୂପା ଶତପଥୀଙ୍କୁ ଗ୍ଲାମର୍ସ ଲୁକ୍, ଫିଟନେସ୍ ଗର୍ଲ, ବ୍ୟକ୍ତିତ୍ୱ, ଫ୍ୟାଶନ୍ ଆଇକନ୍ ସବ୍‌ଟାଇଟଲ୍ ସହିତ ପୁରସ୍କୃତ କରାଯାଇଥିଲା। ଭବିଷ୍ୟତରେ ଏମାନେ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଭାରତୀୟଙ୍କୁ ପ୍ରତିନିଧିତ୍ୱ କରି ଗର୍ବିତ କରିବେ। ଆଗାମୀ ଦିନରେ ଓଡ଼ିଶାକୁ ଭାରତର ଫ୍ୟାଶନ ରାଜଧାନୀ କରିବାର ଲକ୍ଷ୍ୟ ଥିବା ଶାଶ୍ୱତ କହିଛନ୍ତି।




୭୫ତମ ସ୍ୱାଧୀନତା ଦିବସ ପାଇଁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟକୁ ଆଲୋକମାଳାରେ ସଜାଯାଇଛି।



ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟ ରଙ୍ଗିନ ଆଲୋକରେ ସଜେଇ ହୋଇଛି।

## ପ୍ରତି ଶନିବାର 'ସ୍ୱଚ୍ଛ ବସ୍ତି ଡ୍ରାଇଭ୍'

ଭୁବନେଶ୍ୱର, ୧୪।୮(ବ୍ୟୁରୋ): ଭୁବନେଶ୍ୱରରେ ବର୍ଜ୍ୟବସ୍ତୁ ସଂଗ୍ରହ କ୍ଷେତ୍ରରେ ଏବେ ବସ୍ତି ଅଞ୍ଚଳକୁ ଗୁରୁତ୍ୱ ଦେଉଛି ବିଏମ୍‌ସି। ପ୍ରତି ଶନିବାର ବସ୍ତି ଅଞ୍ଚଳରେ ଆଭିମୁଖୀକରଣ କାର୍ଯ୍ୟକ୍ରମ 'ସ୍ୱଚ୍ଛ ବସ୍ତି ଡ୍ରାଇଭ୍' ଆରମ୍ଭ କରାଯାଇଛି। ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୧୫୩ ବସ୍ତି ମଧ୍ୟରୁ ଏଯାବତ୍ ୫୦ରୁ ଊର୍ଦ୍ଧ୍ୱ ବସ୍ତିକୁ ସାମିଲ କରାଯାଇଛି। ଅଙ୍ଗନୱାଡି, ଆଶାକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟେଶନ ୱିଙ୍ଗ୍‌ଗୁଡିକ ପ୍ରତ୍ୟେକ ସପ୍ତାହରେ ସମ୍ପୃକ୍ତ ବସ୍ତି ଅଞ୍ଚଳକୁ ପରିଦର୍ଶନର ବ୍ୟବସ୍ଥା ରହିଛି। ଏଥିରେ ବସ୍ତିବାସିନ୍ଦାଙ୍କ ସହଯୋଗ ଲୋଡ଼ାଯାଇଛି।

# ଖାଦ୍ୟରେ ତ୍ରିରଙ୍ଗା

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)



ସ୍ୱାଧୀନତା ଦିବସ ପାଇଁ ଚାରିଆଡ଼େ ଦେଶାତ୍ମବୋଧର ମହକ ଛୁଟିବାରେ ଲାଗିଛି। ସ୍ୱାଧୀନତା ଦିବସକୁ କିପରି ସ୍ମରଣୀୟ କରାଯାଇ ପାରିବ ପ୍ରତିଟି ଭାରତବାସୀ ସେଥିପାଇଁ ବ୍ୟଗ୍ର। ଏସବୁ ଭିତରେ ଭୁବନେଶ୍ୱରର ପ୍ରୀତିଶା ଦାଶଙ୍କ ସ୍ୱତନ୍ତ୍ର ହାତରନ୍ଧା ଖାଦ୍ୟପଦାର୍ଥରେ ଦେଖିବାକୁ ମିଳିଛି ତ୍ରିରଙ୍ଗାର ଝଲକ। ବ୍ଲଗ୍ ରାଇଟର୍ ପୀତିଶା ଓଡ଼ିଶାର ପ୍ରତିଟି ପ୍ରସିଦ୍ଧ ଖାଦ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଏଥିସହ ଖାଦ୍ୟରେ ବ୍ୟବହୃତ ସାମଗ୍ରୀ ଓ ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ମଧ୍ୟ ଲେଖି ପୋଷ୍ଟ କରିଥା'ନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗର ପଲଉ, ଦୋସା, ବରଫି ଭଳି ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରିଛନ୍ତି। ଏହି ଦିବସକୁ ସ୍ୱତନ୍ତ୍ର ଢଙ୍ଗରେ ପାଳନ ପାଇଁ ବାର୍ତ୍ତା ଦେବାକୁ ଯାଇ ସେ ଏପରି ପ୍ରୟାସ କରିଛନ୍ତି। ତେବେ ଖାଦ୍ୟ ପ୍ରସ୍ତୁତି ପାଇଁ ସେ କୌଣସି ରଙ୍ଗର ବ୍ୟବହାର କରିନାହାନ୍ତି। ନାରଙ୍ଗୀ ରଙ୍ଗର ପଲଉ ପ୍ରସ୍ତୁତି ପାଇଁ ସେ ଟମାଟୋ ବ୍ୟବହାର କରିଥିବାବେଳେ ସବୁଜରଙ୍ଗର ପଲଉ ପ୍ରସ୍ତୁତିରେ ଧନିଆ, ପୋଦିନା ଓ ରସୁଣ ବ୍ୟବହାର କରିଥିବା କହିଛନ୍ତି। ସେହିପରି ଅଶୋକ ଚକ୍ର ପାଇଁ ଲବଙ୍ଗର ବ୍ୟବହାର କରିଛନ୍ତି। ଦୋସାରେ ସୋଦୁଅର ଉପରି ଭାଗକୁ ଗାଜର କୋରାରେ ରଙ୍ଗାଇ ଥିବାବେଳେ ନିମ୍ନଭାଗକୁ ଧନିଆ, ପୋଦିନା ଓ କଞ୍ଚା ଲଙ୍କାରେ ରଙ୍ଗୀନ କରିଛନ୍ତି। ମାଟି ମା' ଠାରୁ ଆମେ ଖାଦ୍ୟ ପାଉଥିବାବେଳେ ମାଟି ମା' ଉଦ୍ଦେଶ୍ୟରେ ସେ ଏହି ସବୁ ଭୋଜନ ପ୍ରସ୍ତୁତ କରିଥିବା କହିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସମସ୍ତେ ନିଜ ଘରେ ଏପରି କିଛି କିଛି ଖାଦ୍ୟ ପ୍ରସ୍ତୁତ କରି ପ୍ରିୟଜନଙ୍କୁ ପରଷିବା ଦ୍ୱାରା ସମସ୍ତଙ୍କ ମନରେ ଦେଶପ୍ରୀତି ଜାଗ୍ରତ ହୋଇପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

### ପ୍ରୀତିଶାଙ୍କ ନିଆରା ଦେଶପ୍ରୀତି



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୫ ଅଗଷ୍ଟ, ୨୦୨୧



**ବିଷ ପିଇ ପିଅନ ଗୁରୁତର**

ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର.) : କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତର ଜଣେ ପିଅନ ବିଷ ପିଇ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ ଜମରା ଗ୍ରାମର ଶ୍ୟାମସୁନ୍ଦର ବାରିକ(୪୦)। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ପରିବାର ଲୋକଙ୍କ କହିବାନୁଯାୟୀ, ଦୀର୍ଘଦିନ ହେବ ଘରେ କଳହ ଲାଗି ରହିଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଶ୍ୟାମସୁନ୍ଦର ବିଷ ପିଇ ଦେଇଥିଲେ।

# ୧୬ରୁ ସ୍ୱର୍ଗଦ୍ୱାରରେ ବାହାର ଲୋକଙ୍କୁ ଶବଦାହ ଅନୁମତି

**ମହୋଦଧିରେ ଅସ୍ଥି ବିସର୍ଜନ କରିପାରିବେ**

- ମୃତକଙ୍କ ଅଣକୋଭିଡ୍ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ
- ୧୦ଜଣ ଆତ୍ମୀୟଙ୍କ ଉପସ୍ଥିତିରେ ଅନ୍ତ୍ୟେଷ୍ଟିକ୍ରିୟା
- କୋଭିଡ୍ ଗାଇଡ୍‌ଲାଇନ ପାଳନ ବାଧ୍ୟତାମୂଳକ
- ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବାକୁ ହୋଇପାରେ ସମସ୍ୟା



ପୁରୀ ଅଫିସ,୧୪।୮

ସ୍ୱର୍ଗଦ୍ୱାରରେ ଶବସତ୍କାର ଓ ମହୋଦଧିରେ ଅସ୍ଥି ବିସର୍ଜନ ନେଇ ରହିଥିବା କଟକଣାକୁ ପୁରୀ ଜିଲା ପ୍ରଶାସନ ପ୍ରତ୍ୟାହାର କରିନେଇଛି। ଆସନ୍ତା ୧୬ ତାରିଖରୁ ବାହାର ଜିଲା ଓ ରାଜ୍ୟର ଲୋକେ ସ୍ୱର୍ଗଦ୍ୱାରରେ ଅଣକୋଭିଡ୍ ମୃତକଙ୍କ ଦାହ କରିପାରିବେ। ସେହିଭଳି ଅସ୍ଥି ବିସର୍ଜନ ପାଇଁ ମଧ ବେଳାଭୂମି ଭିତରକୁ ଛଡ଼ାଯିବ ବୋଲି ଜିଲା ପ୍ରଶାସନ ଶନିବାର ସ୍ପଷ୍ଟ କରିଛି। ତେବେ ଶବଦାହ ପୂର୍ବରୁ ଅଣକୋଭିଡ୍ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ପ୍ରତି ଶବସତ୍କାର ବେଳେ ସର୍ବାଧିକ ୧୦ଜଣ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିପାରିବେ। ଏଥିସହିତ ସ୍ୱର୍ଗଦ୍ୱାର ପରିସରରେ ସମସ୍ତେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରିବେ। ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ହୋଇଥିବାବେଳେ ସାମାଜିକ ଦୂରତା ରକ୍ଷା କରି ଅନ୍ତ୍ୟେଷ୍ଟି କ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ରହିଛି।

କୋଭିଡ୍‌ର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବା ପରେ ଗତ ଏପ୍ରିଲ ୨୫ରେ ଜିଲା ବାହାରୁ ଆସୁଥିବା ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ପାଇଁ କଟକଣା ଲଗାଇଥିଲା ଜିଲା ପ୍ରଶାସନ। କେବଳ ପୁରୀ ଜିଲାର ଲୋକଙ୍କ ପାଇଁ ଶବଦାହ ଅନୁମତି ରହିଥିଲା। ଏବେ ସହରର ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିବାବେଳେ ଆସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେଉଛି। ଏଭଳି ସ୍ଥିତିରେ ସର୍ବସାଧାରଣଙ୍କ ପାଇଁ ସ୍ୱର୍ଗଦ୍ୱାରରେ ଶବଦାହ ଅନୁମତି ମିଳିଥିବାରୁ ଆଗାମୀ ଦିନରେ ସହରରେ ଗହଳି ବଢ଼ିବା ଆଶଙ୍କା ପ୍ରକାଶ ପାଇଛି।

ସ୍ୱର୍ଗଦ୍ୱାର ସେବାସମିତି ସଦସ୍ୟ ସିଦ୍ଧାର୍ଥ ରୟ କହିଛନ୍ତି, ସ୍ୱର୍ଗଦ୍ୱାରଠାରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରିବା ପାଇଁ ଆମେ ଯଥେଷ୍ଟ ପ୍ରୟାସ କରୁଛୁ। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ହେତୁ ଲୋକେ ସହଜରେ ଶବଦାହ ଶେଷ କରିପାରିବେ। କେବଳ କଟକଣା ମାନି ଅନ୍ତ୍ୟେଷ୍ଟି କ୍ରିୟା ସାରିଲେ କାହା ପାଇଁ ସମସ୍ୟା ବଢ଼ିବ ନାହିଁ। ସମସ୍ତ ୨୮ ପିଣ୍ଡିରେ ଶବଦାହ ଚାଲିଛି। ବର୍ଷା ସମୟରେ ପୂର୍ବରୁ ପାଣି ଗଳୁଥିବାବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ ସଂପୃକ୍ତ କାର୍ଯ୍ୟ ଶେଷ କରିଛି। କେବଳ ପାର୍କିଂ ଓ ପ୍ରତୀକ୍ଷାସ୍ଥଳକୁ ନେଇ ସମସ୍ୟା ଲାଗି ରହିଛି। ପ୍ରତୀକ୍ଷାସ୍ଥଳ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲା ପ୍ରଶାସନ ଅଗଷ୍ଟ ୧୫କୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ମଧ ତାହା ହୋଇପାରିନି। ତେଣୁ ବର୍ଷା ହେଲେ ଲୋକେ ମୁଣ୍ଡ ଗୁଞ୍ଜିବାକୁ ହଇରାଣ ହେବେ। ସ୍ୱର୍ଗଦ୍ୱାରର ଉଭୟ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପାର୍କିଂ ସମସ୍ୟା ସୃଷ୍ଟି କରିପାରେ। ଏକକାଳୀନ ଭାବେ ୨୦ ମୃତଦେହ ପହଞ୍ଚିଲେ ଆମ୍ବୁଲାନ୍ସ, ପ୍ରିୟଜନଙ୍କ ଗାଡ଼ି ଓ ଅନ୍ୟ ଚାରିଚକିଆ ଯାନ ରଖିବାକୁ ସ୍ଥାନ ଅଣ୍ଟିବ ନାହିଁ ବୋଲି ସ୍ୱର୍ଗଦ୍ୱାରର ଜଣେ କର୍ମଚାରୀ କହିଛନ୍ତି।

# ପଞ୍ଚମୁଖୀ ହନୁମାନ ମନ୍ଦିର ଭଙ୍ଗାଯିବ

ସାଲେପୁର, ୧୪।୮ (ଡି.ଏନ୍.ଏ.)

କଟକ ଜିଲା ସାଲେପୁର ବ୍ଲକ ରଟିଲୋ ପଞ୍ଚାୟତର ମହାନଦୀ ତଟରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ଭଙ୍ଗାଯିବା ସମେତ ଅନ୍ୟ ସମସ୍ତ ଜବରଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ଏସବୁ ବେଆଇନ ପ୍ରକଳ୍ପକୁ ଭାଙ୍ଗିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଏଥିରେ ସହଯୋଗ କରିବାକୁ ସେ ସ୍ଥାନୀୟ ଜନସାଧାରଣ ଓ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି। ସୁପ୍ରିମ୍ କୋର୍ଟରେ ମନ୍ଦିର ଭଙ୍ଗା ନ ଯିବାପାଇଁ କରାଯାଇଥିବା ଅପିଲ୍ ଖାରଜ ହୋଇଥିବାରୁ ଏନଜିଟିଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ। ଏନେଇ ପଞ୍ଚମୁଖୀ ମନ୍ଦିର ପରିସରରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳଙ୍କ ସମେତ କଟକ ଗ୍ରାମାଞ୍ଚଳ ଏସ୍.ପି. ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ, ସାଲେପୁର ଏସ୍‌ଡିପିଓ, କିଶନନଗର ତହସିଲଦାର ଯୋଗଦେଇଥିଲେ। ପ୍ରଶାସନର କାମରେ ସ୍ଥାନୀୟ ଜନସାଧାରଣ ଓ ମନ୍ଦିର କମିଟି ବିରୋଧ କରିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଏସବୁ କେବେ ଉଚ୍ଛେଦ କରାଯିବ ସେନେଇ ଦିନ ଧାର୍ଯ୍ୟ ହୋଇ ନାହିଁ। କଟକ ଜିଲାରେ ମହାନଦୀପଠାକୁ ଜବରଦଖଲ କରାଯାଇ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ମାର୍କେଟ କମ୍ପ୍ଲେକ୍ସ, ପାଇଖାନା, କଲ୍ୟାଣମଣ୍ଡପ ଓ ଘର ନିର୍ମାଣ କରାଯାଉଛି। ଏଥିଯୋଗୁ ପରିବେଶ ଦୂଷିତ ହେବା ସହିତ ନଦୀଶଯ୍ୟା ସଙ୍କୁଚିତ ହେଉଛି। ଏନେଇ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୦ ଡିସେମ୍ବରରେ ଏନ୍‌ଜିଟି ମହାନଦୀ ଶଯ୍ୟାରେ କୋଣସି ନିର୍ମାଣକୁ ଅନୁମତି ଦିଆଯିବାକୁ ରୋକ୍ ଲଗାଇବା ସହ ସେଠାରେ ବେଆଇନ ନିର୍ମାଣକୁ ଉଚ୍ଛେଦ ପାଇଁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରିପୋର୍ଟ ଆଧାରରେ ମନ୍ଦିର ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଥିଲା। ମନ୍ଦିର ଉଚ୍ଛେଦ ନେଇ କ'ଣ ସବୁ ପଦକ୍ଷେପ ନିଆଯାଇଛି, ସେନେଇ ଏକ ରିପୋର୍ଟ ୨ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏନ୍‌ଜିଟି ଗତ ବୁଧବାର କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।




# ଜନବସତି ଅଞ୍ଚଳରୁ ମଦ ଦୋକାନ ହଟାଯାଉ

କଟକ ଅଫିସ, ୧୪।୮

କଟକ ସହରର ସାହିବସ୍ତି, ଗଳିକନ୍ଦିରେ ବିଦେଶୀ ମଦ ଦୋକାନମାନ ଖୋଲାଯାଉଛି। ବିଶେଷକରି ସମ୍ବେଦନଶୀଳ ଅଞ୍ଚଳ ତେଲେଙ୍ଗାବଜାର, ବକ୍ସିବଜାର, ଝୋଲାସାହି, ମଙ୍ଗଳାବାଗ, କାଜିବଜାର, ସତୀଚଉରା, ବାଦାମବାଡ଼ି ଆଦି ଅଞ୍ଚଳରେ ମଦ ଦୋକାନ ଖୋଲିଥିବାରୁ ଅଞ୍ଚଳବାସୀଙ୍କ ଉପରେ କୁପ୍ରଭାବ ପଡୁଛି। ଶିକ୍ଷିତ ଯୁବକମାନେ ବିପଥଗାମୀ ହେଉଥିବାବେଳେ ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ବଢୁଛି। କେତେକ ସ୍ଥାନରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ତୁରନ୍ତ ସହରର ଜନବସତି ଅଞ୍ଚଳରୁ ମଦ ଦୋକାନ ହଟାଇବା ପାଇଁ ଶନିବାର ମହିଳା କଂଗ୍ରେସ ପକ୍ଷରୁ ସୈଦାନି ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଇଂ. ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ତୃପ୍ତି ଦାସ, ଅଙ୍ଗୁରୀ ବେଗମ, ଇଶରତ ଜାହାନ ଓ ଅମ୍ରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।










# ଗଛରେ ପିଟିହେଲା ଯାତ୍ରୀବାହୀ ବସ୍

ଫୁଲନଖରା, ୧୪।୮ (ଡି.ଏନ୍.ଏ.)

ଶନିବାର ଭୋର ସମୟରେ ଏକ ଯାତ୍ରିବାହୀ ବସ୍ ଭାରସାମ୍ୟ ହରାଇ ୧୬ନଂ. ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ନିକଟ ଏକ ଗଛରେ ପିଟି ହୋଇଯାଇଛି। ଶୁକ୍ରବାର ରାତିରେ କେନ୍ଦୁଝର ବଡ଼ବିଲରୁ ଉକ୍ତ ବସ୍(ଓଆର୦୫ଏଭି-୬୨୩୦) କେତେଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବାଟରେ ଚାଳକଙ୍କ ଆଖି ଲାଗି ଯିବାରୁ ବସ୍‌ଟି ଗଛରେ ପିଟି ହୋଇଥିଲା। ଜାତୀୟ ରାଜପଥ ଥାନା ପିସିଆର ଓ କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରୁ ସୁରକ୍ଷିତ ଭାବେ ୮ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ କ୍ରେନ୍ ସାହାଯ୍ୟରେ ବସ୍‌କୁ ରାସ୍ତା ଉପରକୁ ଆଣିଥିଲେ।




# ପ୍ରଫେସର ସନ୍ତୋଷ ସ୍ୱାଇଁ ସମ୍ମାନିତ

ଭୁବନେଶ୍ୱର,୧୪।୮

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍‌ମେଡିକାଲ୍‌ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ତଥା ମୁଣ୍ଡ ଓ ବେକ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ସ୍ୱାଇଁ ୨୦୨୧ ନିମନ୍ତେ ଗ୍ଲୋବାଲ୍ ଟିଚିଂ ଏକ୍ସିଲେନ୍ସ ଆୱାର୍ଡ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେ ଦେଇଥିବା ମାର୍ଗଦର୍ଶନ ଓ ସୁଦୂରପ୍ରସାରୀ ଶିକ୍ଷା ପ୍ରଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆର ଦ୍ୱିତୀୟ ପ୍ରଫେସର ଭାବେ ସ୍ୱାଇଁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନକୁ ନେଇ ଭର୍ଚୁଆଲ୍ କାର୍ଯ୍ୟକ୍ରମ ଜରିଆରେ 'ଚଳିତ ବର୍ଷର ଶ୍ରେଷ୍ଠ ପ୍ରଫେସର' ଭାବେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଫେସର ସ୍ୱାଇଁଙ୍କ ନାମରେ ୨୦୦ରୁ ଅଧିକ ରିସର୍ଚ୍ଚ ପେପର ରହିଥିବା ବେଳେ ତାହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଜର୍ନାଲ୍‌ରେ ପ୍ରକାଶ ପାଇଛି।






# ପୋଲିସକୁ ଦୁର୍ବ୍ୟବହାର : ୨ ଗିରଫ

କଟକ ସଦର, ୧୪।୮ (ଡି.ଏନ୍.ଏ.)

ପୋଲିସକୁ ଦୁର୍ବ୍ୟବହାର କରିବା ଅଭିଯୋଗରେ କନ୍ଦରପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କମାପୁର ଗ୍ରାମର ଭଉଣୀ ପ୍ରତିମା ପ୍ରଧାନ (୩୪) ଓ ଭାଇ ବ୍ରଜକିଶୋର ପ୍ରଧାନ (୫୦)। ଏ ନେଇ ଥାନାରେ ଏକ ମାମଲା(ନଂ.୧୯୫/୨୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜମିବାଡ଼ି ମାମଲାକୁ ନେଇ ଉଭୟଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯାଇଥିବାବେଳେ ଅଭିଯୁକ୍ତମାନେ ଦୁର୍ବ୍ୟବହାର କରିଥିଲେ।




# କେନାଲରେ ବୁଡ଼ି ବୃଦ୍ଧା ମୃତ

ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର. ) ୧୪।୮

ନିଶ୍ଚିନ୍ତକୋଇଲି ବ୍ଲକର ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ କେନାଲରେ ବୁଡ଼ିଯିବାରୁ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ପାଳଦା ଗ୍ରାମର ହାରାମଣି ଜେନା (୬୫)। ମଧ୍ୟାହ୍ନରେ ସେ ଉକ୍ତ କେନାଲକୁ ସ୍ନାନ କରିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ହାରାମଣି କେନାଲ ପାଣିରେ ବୁଡ଼ି ଯାଇଥିଲେ। ପ୍ରାୟ ଏକ ଘଣ୍ଟା ପରେ ପାଣିରୁ ତାଙ୍କ ମୃତଦେହ କଢ଼ାଯାଇଥିଲା।

# ଶୋଭାଯାତ୍ରାରେ ଡେଙ୍ଗୁ ସଚେତନତା

କଟକ ଅଫିସ,୧୪।୮

ସହରରେ ଡେଙ୍ଗୁ ନ ବ୍ୟାପିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଶନିବାର ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳାବାଗ, ମଲାସାହି, ବଣିଆସାହି ଅଞ୍ଚଳରେ ଡେଙ୍ଗୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘରେ ବିଭିନ୍ନ ସ୍ଥାନରେ ଜମି ରହିଥିବା ପାଣିକୁ ନିଷ୍କାସନ କରିବା, ଆବର୍ଜନା ଜମା ହୋଇଥିବା ସ୍ଥାନ ସଫା ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ କର୍ପୋରେଟର, ସାହି ଓ ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।






**ବଟି ମାଗି ୨ ଗିରଫ**

**ପୁରୀ ଅଫିସ:** ବଟି ଆଦାୟ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସେଲି ସାହି ଥାନା ଅନ୍ତର୍ଗତ ସାଗରପଡିଆ ନୂଆସାହିର ସତ୍ୟନାରାୟଣ ପଣ୍ଡା (୩୨) ଏବଂ ଟାଉନଥାନା ଅନ୍ତର୍ଗତ ବାରବାଟି ନୂଆସାହିର ଲିଙ୍ଗରାଜ ଦାସ । ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଲୁହା ରଡ ଏବଂ ଗୋଟିଏ ଛୁରି ଜବତ କରିଛି । ଏ ନେଇ ନଂ.୨୩୩/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କୁସୁନି ଖୁଣ୍ଟିଆ ଜାଗା ନିକଟରେ କେତେଜଣ ଅସାମାଜିକ ଯୁବକ ବିଭିନ୍ନ ମାରଣାସ୍ତ୍ର ଦେଖାଇ ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନଙ୍କଠାରୁ ବଟି ଆଦାୟ କରୁଥିଲେ। ଟାଉନଥାନା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୦୮।୨୦୨୧

| ୩,୧୬୨ ଟଙ୍କା | |
|---|---|
| ସୁନା | ୦.୦୭୦ ଗ୍ରାମ |
| ରୁପା | ୬୨.୬୦୦ ଗ୍ରାମ |

# ୧୬ରୁ ସ୍ୱର୍ଗଦ୍ୱାରରେ ବାହାର ଲୋକଙ୍କୁ ଶବଦାହ ଅନୁମତି

**ପୁରୀ ଅଫିସ,୧୪।୮**

## ମହୋଦଧିରେ ଅସ୍ଥି ବିସର୍ଜନ କରିପାରିବେ

- ମୃତକଙ୍କ ଅଣକୋଭିଡ୍ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ
- ୧୦ଜଣ ଆତ୍ମୀୟଙ୍କ ଉପସ୍ଥିତିରେ ଅନ୍ତ୍ୟେଷ୍ଟିକ୍ରିୟା
- କୋଭିଡ୍ ଗାଇଡ୍‌ଲାଇନ ପାଳନ ବାଧ୍ୟତାମୂଳକ
- ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବାକୁ ହୋଇପାରେ ସମସ୍ୟା




ସ୍ୱର୍ଗଦ୍ୱାରରେ ଶବସତ୍କାର ଓ ମହୋଦଧିରେ ଅସ୍ଥି ବିସର୍ଜନ ନେଇ ରହିଥିବା କଟକଣାକୁ ପୁରୀ ଜିଲା ପ୍ରଶାସନ ପ୍ରତ୍ୟାହାର କରିନେଇଛି। ଆସନ୍ତା ୧୬ ତାରିଖରୁ ବାହାର ଜିଲା ଓ ରାଜ୍ୟର ଲୋକେ ସ୍ୱର୍ଗଦ୍ୱାରରେ ଅଣକୋଭିଡ୍ ମୃତକଙ୍କ ଦାହ କରିପାରିବେ। ସେହିଭଳି ଅସ୍ଥି ବିସର୍ଜନ ପାଇଁ ମଧ୍ୟ ବେଳାଭୂମି ଭିତରକୁ ଛଡ଼ାଯିବ ବୋଲି ଜିଲା ପ୍ରଶାସନ ଶନିବାର ସ୍ପଷ୍ଟ କରିଛି। ତେବେ ଶବଦାହ ପୂର୍ବରୁ ଅଣକୋଭିଡ୍ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ପ୍ରତି ଶବସତ୍କାର ବେଳେ ସର୍ବାଧିକ ୧୦ଜଣ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିପାରିବେ। ଏଥିସହିତ ସ୍ୱର୍ଗଦ୍ୱାର ପରିସରରେ ସମସ୍ତେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରିବେ। ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ହୋଇଥିବାବେଳେ ସାମାଜିକ ଦୂରତା ରକ୍ଷା କରି ଅନ୍ତ୍ୟେଷ୍ଟି କ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ରହିଛି।

କୋଭିଡ୍‌ର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବା ପରେ ଗତ ଏପ୍ରିଲ ୨୫ରେ ଜିଲା ବାହାରୁ ଆସୁଥିବା ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ପାଇଁ କଟକଣା ଲଗାଇଥିଲା ଜିଲା ପ୍ରଶାସନ। କେବଳ ପୁରୀ ଜିଲାର ଲୋକଙ୍କ ପାଇଁ ଶବଦାହ ଅନୁମତି ରହିଥିଲା। ଏବେ ସହରର ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିବାବେଳେ ଆସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେଉଛି। ଏଭଳି ସ୍ଥିତିରେ ସର୍ବସାଧାରଣଙ୍କ ପାଇଁ ସ୍ୱର୍ଗଦ୍ୱାରରେ ଶବଦାହ ଅନୁମତି ମିଳିଥିବାରୁ ଆଗାମୀ ଦିନରେ ସହରରେ ଗହଳି ବଢ଼ିବା ଆଶଙ୍କା ପ୍ରକାଶ ପାଇଛି।

ସ୍ୱର୍ଗଦ୍ୱାର ସେବାସମିତି ସଦସ୍ୟ ସିଦ୍ଧାର୍ଥ ରଥ କହିଛନ୍ତି, ସ୍ୱର୍ଗଦ୍ୱାରଠାରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରିବା ପାଇଁ ଆମେ ଯଥେଷ୍ଟ ପ୍ରୟାସ କରୁଛୁ। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ହେତୁ ଲୋକେ ସହଜରେ ଶବଦାହ ଶେଷ କରିପାରିବେ। କେବଳ କଟକଣା ମାନି ଅନ୍ତ୍ୟେଷ୍ଟି କ୍ରିୟା ସାରିଲେ କାହା ପାଇଁ ସମସ୍ୟା ବଢ଼ିବ ନାହିଁ। ସମସ୍ତ ୨୮ ପିଣ୍ଡିରେ ଶବଦାହ ଚାଲିଛି। ବର୍ଷା ସମୟରେ ପୂର୍ବରୁ ପାଣି ଗଳୁଥିବାବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ ସଂପୃକ୍ତ କାର୍ଯ୍ୟ ଶେଷ କରିଛି। କେବଳ ପାର୍କିଂ ଓ ପ୍ରତୀକ୍ଷାସ୍ଥଳକୁ ନେଇ ସମସ୍ୟା ଲାଗି ରହିଛି। ପ୍ରତୀକ୍ଷାସ୍ଥଳ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲା ପ୍ରଶାସନ ଅଗଷ୍ଟ ୧୫କୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ମଧ୍ୟ ତାହା ହୋଇପାରିନି। ତେଣୁ ବର୍ଷା ହେଲେ ଲୋକେ ମୁଣ୍ଡ ଗୁଞ୍ଜିବାକୁ ହଇରାଣ ହେବେ। ସ୍ୱର୍ଗଦ୍ୱାରର ଉଭୟ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପାର୍କିଂ ସମସ୍ୟା ସୃଷ୍ଟି କରିପାରେ। ଏକକାଳୀନ ଭାବେ ୨୦ ମୃତଦେହ ପହଞ୍ଚିଲେ ଆମ୍ବୁଲାନ୍ସ, ପ୍ରିୟଜନଙ୍କ ଗାଡ଼ି ଓ ଅନ୍ୟ ଚାରିଚକିଆ ଯାନ ରଖିବାକୁ ସ୍ଥାନ ଅଣ୍ଟିବ ନାହିଁ ବୋଲି ସ୍ୱର୍ଗଦ୍ୱାରର ଜଣେ କର୍ମଚାରୀ କହିଛନ୍ତି।

## ଯାତ୍ରୀବାହୀ ବସ୍ ଉପରେ ଆକ୍ରମଣ

**ବ୍ରହ୍ମଗିରି, ୧୪।୮(ଡି.ଏନ୍.ଏ)**

ଏକ ଯାତ୍ରୀବାହୀ ଗାଡ଼ି ଯାତାୟାତକୁ କେନ୍ଦ୍ର କରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାତପଡାରେ ଶନିବାର ଏକ ଯାତ୍ରୀବାହୀ ବସ୍ ଉପରେ ଆକ୍ରମଣ ସହ ଗାଡି ଭଙ୍ଗାରୁଜା ହୋଇଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁରରୁ ପୁରୀ ଆସୁଥିବା ଦୁଇଟି ଯାତ୍ରୀବାହୀ ବସ୍ ଯାତାୟାତର ସମୟକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ଶନିବାର ଓଡି-୧୩ଇ-୫୫୫୭ ବସ୍‌ଟି ଯାତ୍ରୀ ଧରି ପୁରୀ ଅଭିମୁଖେ ଆସୁଥିବା ସମୟରେ ଯୋଜନା ମୁତାବକ ତାଙ୍କ ବିରୋଧୀ ଗାଡିର କେତେଜଣ କର୍ମଚାରୀ ଉକ୍ତ ଗାଡି ଚାଳକ, ହେଲପର ଓ କଣ୍ଡକ୍ଟରଙ୍କୁ ଗାଳିଗୁଲଜ କରିବା ସହିତ ଗାଡିକୁ ଭଙ୍ଗାରୁଜା କରିଥିଲେ। ଫଳରେ ଗାଡିରେ ଥିବା ଯାତ୍ରୀମାନେ ଆହତ ହେବା ସହ ପ୍ରାଣ ଭୟରେ ଛତ୍ର ଭଙ୍ଗ ଦେଇଥିଲେ । ଏହି ଆକ୍ରମଣକୁ ନେଇ ଉକ୍ତ ଗାଡି ଚାଳକ ଶିବ ଶଙ୍କର ଭୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ୧୭.୫ ଲକ୍ଷ ଟଙ୍କା ଜବତ, ୩ ଗିରଫ

**ପୁରୀ ଅଫିସ,୧୪।୮:** ଘରେ ପଶି ଲକ୍ଷାଧିକ ଟଙ୍କା ଲୁଟ୍ କରିବା ଅଭିଯୋଗରେ ବାସେଲିସାହି ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଜମୁନି ଖୁଣ୍ଟିଆ ଜାଗା ନିକଟ ଆଶୁତୋଷ ସୁଆର, ବଳିଆପଣ୍ଡା ସିପସରୁବାଲି ଅଞ୍ଚଳର ଚନ୍ଦନ ସେଠୀ ଏବଂ ବାସେଲି ସାହି ଥାନା ପଶ୍ଚିମଦ୍ୱାର ନିକଟ ରମେଶ ଦଳବେହେରା। ପୋଲିସ ସେମାନଙ୍କ ନିକଟରୁ ୧୭ ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ ଖଣ୍ଡା, ମୁଦି ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ପୋଲିସ ନଂ ୧୩୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୭ ତାରିଖ ଦିନ ଶଙ୍କରପୁର ଅଞ୍ଚଳର ମୁକ୍ତିକାନ୍ତଙ୍କ ଘରେ ୩ଜଣ ଯୁବକ ସକାଳ ୭ଟାରେ ଘରେ ପଶ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଘରେ ଥିବା ଲକ୍ଷାଧିକ ଟଙ୍କା ଓ ଅଳଙ୍କାର ଲୁଟି ନେଇଯାଇଥିଲେ।

### ୧୯୮୪ ଆନ୍ଦୋଳନରେ ମୃତକଙ୍କ ସ୍ମୃତିସଭା

**ଅସ୍ତରଙ୍ଗ/କାକଟପୁର,୧୪।୮(ଡି.ଏନ୍.ଏ.):** ୧୯୮୪ ମସିହା ଅଗଷ୍ଟରେ ବୁର୍ଲା ଛାତ୍ର ଆନ୍ଦୋଳନକୁ ନେଇ ଓଡ଼ିଶା ବନ୍ଦ ଡାକରାରେ ଅସ୍ତରଙ୍ଗ ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଏଥିରେ ପୋଲିସ ଗୁଳିଚାଳନା କରିବାରୁ ଅସ୍ତରଙ୍ଗ ବ୍ଲକ ନୂଆଗଡ଼ର ପ୍ରତାପ, ଆଇଁସିଣିଆର ମହେଶ୍ୱର ଓ କାକଟପୁର ବ୍ଲକର କେଲୁ ଓ ସମ୍ପଦଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ଏହି କଳାଦିନ ଓ ମୃତ ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅସ୍ତରଙ୍ଗରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ନେତୃତ୍ୱରେ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଶନିବାର ଅସ୍ତରଙ୍ଗର ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ନାୟକଙ୍କ ପୁଅ ତଥା ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ନେତୃତ୍ୱରେ ଶହୀଦ ଦିବସ ପାଳନ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ମୃତବ୍ୟକ୍ତିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିରେ ଉପାଧ୍ୟକ୍ଷା ମୀନତି ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, କେଦାରନାଥ ବିଶ୍ୱାଳ, ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି କାକଟପୁରସ୍ଥ ପଦ୍ମଚରଣ ସାମନ୍ତସିଂହାର ଟ୍ରଷ୍ଟ ପକ୍ଷରୁ କେଲୁ, ସମ୍ପଦଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି।




୭୫ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ବେହେରଣ ଦ୍ୱାର, ସାତ ପାହାଚ ଦ୍ୱାର ପାଇଁ ଗଲା ରୁପା

**ପୁରୀ ଅଫିସ,୧୪।୮**

ଶ୍ରୀମନ୍ଦିର ପରିସରରେ ଥିବା ୮ଟି ଦ୍ୱାରକୁ ରୁପା ଛାଉଣି କରିବା ପ୍ରକ୍ରିୟା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋରରେ ଆଗେଇ ଚାଲିଛି। ରଥଯାତ୍ରା ସମୟରେ ଶ୍ରୀମନ୍ଦିରର ଜୟବିଜୟ ଓ ଭୋଗମଣ୍ଡପ ଘରର ଦ୍ୱାରକୁ ପରୀକ୍ଷାମୂଳକ ଭାବେ ରୁପା ଛାଉଣି କରାଯାଇଥିଲା। କବାଟ କାମ ସରିବା ପରେ ରୁପା ଛାଉଣି ହୋଇଥିଲା। ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ବେହେରଣ ଦ୍ୱାର ଓ ସାତପାହାଚ ଦ୍ୱାର କବାଟରେ ରୁପା ଛାଉଣି ପାଇଁ ରୁପା ଶ୍ରୀମନ୍ଦିରକୁ ଯାଇଛି। ଏହି କବାଟ ଓ ରୁପା ଛାଉଣି ତତ୍ତ୍ୱାବଧାନ ପାଇଁ ଇଞ୍ଜିନିୟର ଓ ସେବାୟତଙ୍କୁ ନେଇ ୨ଟି କମିଟି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠିତ ହୋଇଛି। ତେବେ କାର୍ଯ୍ୟ ସମୟରେ ମୂଳ ଦ୍ୱାରର ଡିଜାଇନ୍ ଅକ୍ଷୁର୍ଣ୍ଣ ରହିବା ସହ ଉତ୍କଳୀୟ କଳାସ୍ଥାପତ୍ୟର ଡିଜାଇନ୍ ମଧ୍ୟ ସ୍ଥାନ ପାଇଛି। ମୁମ୍ବାଇର ଜଣେ ଦାତା ଏ ସମସ୍ତ ରୁପା ଦାନସୂତ୍ରରେ ଯୋଗାଇଛନ୍ତି। ରୁପାଦ୍ୱାର ଛାଉଣିରେ ୧୩୪୫ କେଜି ରୁପା ଦାନସୂତ୍ରରେ ମିଳିଛି। ତେବେ ସମସ୍ତ କବାଟ ନିର୍ମାଣରେ ପ୍ରାୟ ୨ ଟନ ରୁପା ବ୍ୟବହୃତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଆମ୍ବୁଲାନ୍ସ ଉପରେ ପଡ଼ିଲା ବିଦ୍ୟୁତ୍‌ଖୁଣ୍ଟ

**ପୁରୀ ଅଫିସ,୧୪।୮**



ମୋଚିସାହି ଛକଠାରେ ଶନିବାର ଏକ ଆମ୍ବୁଲାନ୍ସ ଦୁର୍ଘଟଣାର ଶିକାର ହୋଇଛି। ମୋଚି ସାହି ଛକ ଦେଇ ଏକ ଆମ୍ବୁଲାନ୍ସ ଯାଉଥିବାବେଳେ ହଠାତ୍ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ଆମ୍ବୁଲାନ୍ସ ଉପରେ ପଡ଼ିଯାଇଥିଲା। ତେବେ ଆମ୍ବୁଲାନ୍ସରେ କୌଣସି ରୋଗୀ ନ ଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶଥାଉ କି, ଶ୍ରୀମନ୍ଦିର ଟେମ୍ପୁଲ ଆମ୍ବୁଲାନ୍ସ ଏକ ରୋଗୀକୁ ନେଇ ମୋଚି ସାହିସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲେ। ରୋଗୀଙ୍କୁ ଛାଡ଼ି ଆମ୍ବୁଲାନ୍ସଟି ମୋଚି ସାହି ଦେଇ ମନ୍ଦିର କାର୍ଯ୍ୟାଳୟ ନିକଟକୁ ଫେରୁଥିବା ବେଳେ ବିଦ୍ୟୁତ୍‌ଖୁଣ୍ଟର ତାର ସଂସ୍ପର୍ଶରେ ଆସିଯିବାରୁ ପାଖରେ ବିଦ୍ୟୁତଖୁଣ୍ଟଟି ଗାଡ଼ି ଉପରେ ପଡ଼ିଯାଇଥିଲା। ଫଳରେ ଆମ୍ବୁଲାନ୍ସ ପ୍ରାୟ ଏକ ଘଣ୍ଟା ହେବ ରାସ୍ତା ମଝିରେ ଅଟକି ରହିଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ପାୱାର କାଟି ବିଦ୍ୟୁତ୍‌ଖୁଣ୍ଟକୁ ଗାଡି ଉପରୁ ବାହାର କରିଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ମୋଚି ସାହି ଛକରେ ପ୍ରାୟ ଏକ ମାସ ଧରି ବିଦ୍ୟୁତ ଖୁଣ୍ଟ ଓ ତା'ର ତଳକୁ ଓହଳି ରହିଥିଲା। ବିଦ୍ୟୁତ୍ ବିଭାଗ ସେହି ରାସ୍ତା ଦେଇ ପ୍ରତିଦିନ ଯିବାଆସିବା କରୁଥିଲେ ମଧ୍ୟ ଦୃଷ୍ଟି ଦେଉ ନ ଥିଲେ। ସେହି ଜାଗାରେ ଅନେକ ଚାଳ ଘର ରହିଛି। ସେହିପରି ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଶ୍ରୀମନ୍ଦିର ଏବଂ ସମୁଦ୍ରକୁ ଯିବାଆସିବା କରିଥାନ୍ତି। ବିଦ୍ୟୁତ୍ ବିଭାଗଙ୍କ ଅବହେଳା ଯୋଗୁ ଏପରି ଦୁର୍ଘଟଣା ଘଟିଛି। କେବଳ ମୋଚି ସାହି ନୁହେଁ, ପୁରୀ ସହରରେ ଏପରି ଅନେକ ଜାଗାରେ ମଧ୍ୟ ବିଦ୍ୟୁତ ତାର ଝୁଲୁଥିବାବେଳେ ବିଦ୍ୟୁତ୍‌ଖୁଣ୍ଟ ତଳୁ ଖାଇଯାଇଥିବା ଦେଖିବାକୁ ମିଳୁଛି। ବିଦ୍ୟୁତ ବିଭାଗ ପକ୍ଷରୁ ଯଦି ଏହା ଉପରେ ଧ୍ୟାନ ନ ଦିଆଯାଏ ତେବେ ଆଗାମୀ ଦିନରେ ଲୋକଙ୍କ ଜୀବନ ଯିବା ସହ ଧନ ସମ୍ପତ୍ତି ନଷ୍ଟ ସମ୍ଭାବନା ରହିଛି।

# ୱାର୍ଡୱାରି ଟୋକନ ବଣ୍ଟନ ଜାରି

**ପୁରୀ ଅଫିସ,୧୪।୮**

- ଗୋଟିଏ ଟୋକନରେ ପୂରା ପରିବାର ଯାଇପାରିବେ
- ତାଲିମ ନେଲେ ୟଙ୍ଗ ଫର୍ ବେଟର୍ ପୁରୀ ସ୍ୱେଚ୍ଛାସେବୀ

ଆଉ ୨ଦିନ ପରେ (୧୬ତାରିଖ) ପୁରୀବାସୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସହରବାସୀଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସହରବାସୀ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ୱାର୍ଡୱାରି କରି ଟୋକନ ବ୍ୟବସ୍ଥା ହୋଇଛି। ତେଣୁ ପୌରସଂସ୍ଥା ପକ୍ଷରୁ ଶନିବାରଠାରୁ ଟୋକନ୍ ବଣ୍ଟନ କାର୍ଯ୍ୟ ଜାରି ରହିଛି। ୧୬ ତାରିଖରେ ୩, ୧୫, ୧୮ ନମ୍ବର ୱାର୍ଡର ଲୋକେ ସକାଳ ବେଳା, ୬ ଓ ୯ ନମ୍ବର ୱାର୍ଡର ଲୋକେ ଅପରାହ୍ନରେ ଓ ୧୧, ୧୨ ଓ ୧୪ ନମ୍ବର ୱାର୍ଡର ଲୋକେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ କରିବେ। ଏମାନଙ୍କୁ ଚିହ୍ନଟ କରାଯାଇ ପୌରସଂସ୍ଥା ପକ୍ଷରୁ ଟୋକନ୍ ପ୍ରଦାନ କରାଯାଇଛି। ସମ୍ପୃକ୍ତ ୱାର୍ଡରେ ଭଡ଼ା ରହୁଥିବା ଲୋକେ ମଧ୍ୟ ଟୋକନ୍ ପାଇଛନ୍ତି। ତେବେ ପରିବାରପିଛା ଗୋଟିଏ ଟୋକନ୍ ମିଳିଥିବା ହେତୁ ଏକକାଳୀନ ଭାବେ ପରିବାରର ସମସ୍ତ ସଦସ୍ୟ ଦର୍ଶନ ପାଇଁ ଯିବେ ବୋଲି ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି। ତେବେ ୧୭ ତାରିଖ ଓ ୧୮ ତାରିଖ ପାଇଁ ଟୋକନ୍ ବଣ୍ଟା ଚାଲିଥିବା ବେଳେ ରବିବାର ଏହା ଶେଷ ହୋଇଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳାରେ ପରିଚାଳିତ କରିବା ପାଇଁ ଉପଜିଲାପାଳ ଭବତାରଣ ସାହୁ ଓ ପୌରସଂସ୍ଥା ଅଧିକାରୀଙ୍କ ଉପସ୍ଥିତିରେ ୟଙ୍ଗ ଫର୍ ବେଟର୍ ପୁରୀ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯାଇଛି। ପୋଲିସ କର୍ମଚାରୀଙ୍କ ସହ ମିଶି ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ସାଧାରଣ ଲୋକଙ୍କୁ ଦର୍ଶନରେ ସହଯୋଗ କରିବେ। ଜଣେ ବ୍ୟକ୍ତି ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବାଠାରୁ ଆରମ୍ଭ କରି କିଓସ୍କୋରେ ଫଟୋ ସ୍କାନ୍ କରିବା, ସାନିଟାଇଜ ହେବା, ଧାଡ଼ିରେ ରହି ଶୃଙ୍ଖଳିତ ଦର୍ଶନ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ୟଙ୍ଗ ଫର୍ ବେଟର୍ ପୁରୀ ସ୍ୱେଚ୍ଛାସେବୀ ସହଯୋଗ କରିବେ। ସେହିଭଳି ଶ୍ରୀମନ୍ଦିର ଜୋତାଷ୍ଟାଣ୍ଡ ସମ୍ମୁଖରେ ୮ଟି କିଓସ୍କୋର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ କିଓସ୍କୋରେ କମ୍ପ୍ୟୁଟର, ସ୍କାନିଂ ମେଶିନ୍, କ୍ୟାମେରା ଓ ସାନିଟାଇଜର ବକ୍ସ ଇତ୍ୟାଦି ଫିଟିଂ କରାଯାଉଛି। ଶ୍ରଦ୍ଧାଳୁମାନେ କିଓସ୍କୋରେ ନିଜ ପରିଚୟପତ୍ର ଓ ଟୋକନ୍ ଦେଖାଇ ନାମ ପଞ୍ଜୀକରଣ କରିବେ। ଏହାପରେ ସାନିଟାଇଜ କରାଯାଇ ସାମାଜିକ ଦୂରତା ରକ୍ଷା କରି ଧାଡ଼ିରେ ଠିଆ କରାଯିବ। ପାଳି ପଡ଼ିଲେ ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ କରି ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବେ।

## ୧୭ରୁ ଝୁଲଣ ଯାତ୍ରା ଆରମ୍ଭ

**ପୁରୀ ଅଫିସ,୧୪।୮:** ଆସନ୍ତା ୧୭ତାରିଖଠାରୁ ମଠବାଡ଼ି ଓ ଶ୍ରୀମନ୍ଦିରରେ ଆରମ୍ଭ ହେବ ବର୍ଷାକାଳୀନ ରାସ ତଥା ଝୁଲଣ ଯାତ୍ରା। ଏଥିପାଇଁ ସମସ୍ତ ମଠ ବାଡ଼ି ଓ ମନ୍ଦିରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଯାତ୍ରା ୭ଦିନ ବ୍ୟାପୀ ଚାଲିବ। ଝୁଲଣ କୁଞ୍ଜରେ ବିଜେ ହେବେ ଶ୍ରୀ ରାଧାକୃଷ୍ଣ। କୁଞ୍ଜରେ ଝୁଲିବେ ଶ୍ରୀ ଲକ୍ଷ୍ମୀ, ସରସ୍ୱତୀ ଓ ମଦନ ମୋହନ। ହେଲେ ଚଳିତବର୍ଷ ଝୁଲଣ ପ୍ରସ୍ତୁତିରେ ସେଭଳି ଆଗ୍ରହ ପରିଲକ୍ଷିତ ହେଉନାହିଁ। ଠାକୁରଙ୍କ ରୀତି ନୀତି କେବଳ ଅନୁଷ୍ଠିତ ହେବ, ହେଲେ ଶ୍ରଦ୍ଧାଳୁମାନେ ବିଭିନ୍ନ ମଠ ବାଡ଼ିରେ ଝୁଲଣ ମଣ୍ଡପରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହେବେ। ଝୁଲଣ ମହୋତ୍ସବ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ହେବ।



ରାଧାବଲ୍ଲଭ ମଠରେ ଶିଳ୍ପୀମାନେ ଝୁଲଣକୁଞ୍ଜ ପ୍ରସ୍ତୁତ କରୁଛନ୍ତି।

## ତାଲିକାଭୁକ୍ତ ଅଧିବକ୍ତାଙ୍କ ତାଲିମ ଶିବିର ଆରମ୍ଭ

**ପୁରୀ ଅଫିସ,୧୪।୮**

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଅଧୀନ ତାଲିକାଭୁକ୍ତ ଅଧିବକ୍ତାଙ୍କ ୨ଦିନିଆ ତାଲିମ ଶିବିର ଭର୍ଚୁଆଲ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧୀକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସନ୍ତୋଷ କୁମାର ଜେନା ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ସମାଜରେ ଦଳିତ ତଥା ସାମଜିକ ଅନଗ୍ରସର ଲୋକମାନଙ୍କୁ ଆଇନ ସେବା ଯୋଗାଇଦେବା ଓ ଆଇନର ସମସ୍ତ ବିଧି ବ୍ୟବସ୍ଥାର ନିକଟତର କରିବା ପାଇଁ ତାଲିକାଭୁକ୍ତ ଅଧିବକ୍ତାଙ୍କ ବିଶେଷ ଭୂମିକା ରହିଛି ବୋଲି ସୂଚନା ଦେଇଥିଲେ। ସେହିପରି ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦାନ କରି ତାଲିକାଭୁକ୍ତ ଅଧିବକ୍ତାଙ୍କ କର୍ତ୍ତବ୍ୟ ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାଧିକରଣର ସଚିବ ଅମରେଶ ମହାପାତ୍ର ଯୋଗଦେଇ ଆଇନସେବା ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ରାଜ କିଶୋର ଲେଙ୍କା, ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଶୁଭଶ୍ରୀ ତ୍ରିପାଠୀ, ନିମାପଡା ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଦୀପ ସାହୁ ଏବଂ ବରିଷ୍ଠ ଦେୱାନି ବିଚାରପତି ସନ୍ଦୀପ ପଟ୍ଟନାୟକ ଯୋଗଦେଇଥିଲେ। ବିବେକାନନ୍ଦ ବେଉରିଆ, ଶକ୍ତି ରଞ୍ଜନ ରାଉତରାୟ, ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସ ଆଲୋଚନା, କବିତା ପାଠ

**ପୁରୀ ଅଫିସ,୧୪।୮**

ପୁରୀର ସାଂସ୍କୃତିକ ଅନୁଷ୍ଠାନ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ସ୍ୱାଧୀନତା ଦିବସ ଆଲୋଚନା ଓ କବିତାପାଠ ଉତ୍ସବ ସ୍ଥାନୀୟ ବଳଗଣ୍ଡିଛକସ୍ଥିତ ଭକ୍ତ ସାଲବେଗ ସମାଧି ପୀଠ ପରିସରରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ କବି ମାନସ ରଞ୍ଜନ ମହାପାତ୍ର, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ଦାଶ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ପଟ୍ଟନାୟକ, କବୟିତ୍ରୀ ଶୈଳବାଳା ମହାପାତ୍ର, କୃଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ ପ୍ରିୟପାତ୍ର ସମ୍ପାଦକ ବିପିନି ବିହାରୀ ଦଳାଇ ଏବଂ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

# 'ଉତ୍କୃଷ୍ଟତା ଲାଗି ପ୍ରୟାସ ଜାରି ରହୁ'

- ଆମ୍ମାଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ
- ବଲ୍ଲଭ ଭନ୍‌ଶାଲି, ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ଡକ୍ଟରେଟ୍
- ୨୫ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ, ୩୧ଜଣଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୪।୮(ବ୍ୟୁରୋ)**

## କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ




ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ଉପସ୍ଥିତିରେ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଜଣେ ଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରୁଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କହିଲେ, ତୁମେମାନେ ଯେଉଁସବୁ ଜ୍ଞାନ ଆହରଣ କରିଛ, ତାହା ତୁମର ଭବିଷ୍ୟତ ନିର୍ମାଣ କରିବାରେ ସହାୟକ ହେବ। ଉତ୍କୃଷ୍ଟତା ଲାଗି ସମସ୍ତେ ପ୍ରୟାସ ଜାରି ରଖିବା ଆବଶ୍ୟକ। ଏଥିରୁ ଯେଉଁ ସଫଳତା ହାସଲ କରିବ ତାହା ସମାଜର ଦୁର୍ବଳ ବର୍ଗର ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ପ୍ରଭାବ ପକାଇବ ବୋଲି ପ୍ରଧାନ କହିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତା ଅମୃତାନନ୍ଦମୟୀ ଦେବୀ (ଆମ୍ମା)ଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିଭଳି ବିଶିଷ୍ଟ ଶିକ୍ଷାବିତ୍, ସାମାଜିକକର୍ମୀ ତଥା ଏନାମ୍ ଗ୍ରୁପ୍ ଏବଂ ଦେଶ ଆପନାଏଁ ସହଯୋଗ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଓ ଫ୍ଲେମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ବଲ୍ଲଭ ଭନ୍‌ଶାଲି, ଫ୍ରାନ୍ସର ବିଶିଷ୍ଟ ରସାୟନ ନୋବେଲ୍ ବିଜେତା ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଡିଲିଟ୍ ସମ୍ମାନ ଗ୍ରହଣ କରି ଅମୃତାନନ୍ଦମୟୀ କହିଲେ, ପରବର୍ତ୍ତୀ ପିଢ଼ି ପାଇଁ ଶିକ୍ଷା ଜରିଆରେ ମାନବିକ ମୂଲ୍ୟବୋଧ ତିଆରି କରିବା ହେଉଛି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ। ସେହିପରି କୃତଜ୍ଞତାଠାରୁ ଉଚ୍ଚ କୌଣସି ମାନବିକ ପ୍ରକୃତି ନାହିଁ ବୋଲି ଭନ୍‌ଶାଲି କହିବା ସହ ଛାତ୍ରୀଛାତ୍ର ଏହି ଧର୍ମ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଡ. ଲେନ୍ କିଟ୍ ଓ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଡ. ସାମନ୍ତ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୁଳାଧିପତି ପ୍ରଫେସର ବେଦ ପ୍ରକାଶ, ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ସସ୍ମିତା ସାମନ୍ତ ବାର୍ଷିକ ବିବରଣୀ ପାଠ କରିବା ସହ କିଟ୍‌ର ବିଶ୍ୱସ୍ତରୀୟ ର୍‍ୟାଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ୨୦୨୦-୨୧ ବ୍ୟାଚ୍‌ର ମୋଟ୍ ୭,୦୩୨ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଆୟୁଷ କୁମାର, ବାସେଲ୍ ନାସର ଏବଂ ସୁଧାଂଶୁ ଉପାଧ୍ୟାୟଙ୍କୁ ଚଳିତବର୍ଷର ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ ୨୨ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୩୧ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଦିଆଯାଇଥିବାବେଳେ ୬୧ଜଣ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା।

## ଘର ଆଗରୁ ବାଇକ୍ ଚୋରି

ଯାଁଳା,(ଡି.ଏନ୍.ଏ.): ଯାଁଳା ଫାଣ୍ଡି ଅନ୍ତର୍ଗତ ରାଧାମାଧବ ମନ୍ଦିର ନିକଟ ଏକ ଘର ଆଗରୁ କେହି ଦୁର୍ବୃତ୍ତ ବାଇକ୍ ଚୋରିକରି ନେଇଥିବା ଶନିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଯାଁଳା ଗ୍ରାମର କପିଳ ସ୍ୱାଇଁ ବାଇକ୍ (ଓଡି୩୩କ୍ୟୁ ୭୨୨୧)କୁ ଘର ଆଗରେ ରଖିଥିଲେ। କେହି ଦୁର୍ବୃତ୍ତ ତାଙ୍କ ବାଇକକୁ ନେଇ ପଳାଇ ଯାଇଥିବା ସନ୍ଧ୍ୟାରେ ଜାଣିବାକୁ ପାଇଥିଲେ। ପଡୋଶୀଙ୍କ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣେ ଯୁବକ ତାଙ୍କ ବାଇକ୍ ନେଇଯାଉଥିବା ଦେଖିଥିଲେ। ଏନେଇ ସେ ଫାଣ୍ଡିରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୨୪କେଜି ଗଞ୍ଜେଇ ଜବତ, ୩ ଗିରଫ

ଜଟଣୀ,୧୪।୮(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ (ଜଟଣୀ)ରେଳ ସୁରକ୍ଷାବଳ ଶନିବାର ଗଞ୍ଜେଇ ଚୋରାଚାଲାଣ ମାମଲାରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ଅଞ୍ଚଳର ମଦନ କୁମାର, ଚନ୍ଦ୍ରଶେଖର କୁମାର ଏବଂ ଶିବାଜି ଯାଦବ। ଏମାନଙ୍କ ନିକଟରୁ ୨୪କେଜି ଗଞ୍ଜେଇ ଜବତ ହୋଇଛି। ଖୋର୍ଦ୍ଧାରୋଡ ରେଲୱେ ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ୩ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। ରେଳ ସୁରକ୍ଷାବଳର କ୍ରାଇମ୍ ଇଣ୍ଟେଲିଜେନ୍ସ ଶାଖା ଅଧିକାରୀ ଶ୍ରୀନିବାସ ପଟ୍ଟନାୟକ ସନ୍ଦେହରେ ସେମାନଙ୍କୁ ପଚରାଉଚରା ପରେ ଗଞ୍ଜେଇ ଜବତ ହୋଇଥଲା। ଅଭିଯୁକ୍ତମାନେ ଗଞ୍ଜେଇକୁ ବିହାରର ବକ୍ସର ଜିଲାକୁ ଚାଲାଣ ପାଇଁ ଷ୍ଟେଶନରେ ଅପେକ୍ଷା କରିଥିବା ସ୍ୱୀକାର କରିଥିଲେ। ପରେ ରେଳସୁରକ୍ଷା ବଳ ୩ ଅଭିଯୁକ୍ତଙ୍କୁ ଖୋର୍ଦ୍ଧାରୋଡ ଜିଆରପିକୁ ହସ୍ତାନ୍ତର କରିଥିଲା। ଏନେଇ ଏକ ମାମଲା (ନଂ.୫୯/୨୧)ରୁଜୁ ହୋଇଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି।

# ଅବହେଳିତ ଅବସ୍ଥାରେ ଲାଲମାଟି

- ଖୋଲା ଆକାଶ ତଳେ ପଞ୍ଚ ପାଇକ
- ସ୍ମାରକୀ, ସଂଗ୍ରହାଳୟ କାର୍ଯ୍ୟକ୍ଷମ ଦାବି

ଖୋର୍ଦ୍ଧା ଅଫିସ,୧୪।୮



ଲାଲମାଟିର ଗଡ଼ ହେଉଛି ଖୋର୍ଦ୍ଧା। ବ୍ରିଟିଶ ବିରୋଧରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ସ୍ୱର ଏଠାରୁ ଉଠିଥିଲା। ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଲାଭ କରିଛି ପାଇକ ବିଦ୍ରୋହ। ପାଇକ ବୀରଙ୍କ ତ୍ୟାଗ ଓ ବଳିଦାନ ଲାଗି ଖୋର୍ଦ୍ଧା ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପାଇକ ବିଦ୍ରୋହର ୨ଶତ ବର୍ଷ ପୂର୍ତ୍ତି ଅବସରରେ ୨୦୧୭ରେ ସରକାର ବର୍ଷେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଜାତୀୟ ସ୍ତରରେ ପାଇକବୀରଙ୍କ ଉତ୍ତରଦାୟାଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ବଳିଦାନ ଦେଇଥିବା ପାଇକଙ୍କ ଅବଦାନ ଅବିସ୍ମରଣୀୟ। ଏହି ସଂଗ୍ରାମରେ ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁ ବଳେନ୍ଦ୍ର ଓ କୃତିବାସ ପାଟଶାଣୀଙ୍କ ସମେତ ପାଇକ ମାଟିର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ କରିଥିଲେ। ଉକ୍ତ ସ୍ମୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀୟ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ଏହି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ଏହାର ଚାରିପଟେ ଆଲୋକୀକରଣ ଏବଂ ପାଚେରି ନିର୍ମାଣ ଲାଗି ଦାବି ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ସତ୍ତ୍ୱେ ପାଇକଙ୍କ ପ୍ରତି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମ୍ମାନ ଦିଆଯାଉନାହିଁ ବୋଲି ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଐତିହ୍ୟ ଗବେଷକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ଦେଶ ପାଇଁ ପାଇକଙ୍କ ଅବଦାନ ଅତୁଳନୀୟ। ପାଇକଙ୍କ ସ୍ମୃତିରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କାମ ଆରମ୍ଭ ହୋଇନାହିଁ। ଗଡଖୋର୍ଦ୍ଧା ଦୁର୍ଗ ବିଲୁପ୍ତ ଅବସ୍ଥାରେ ରହିଛି। ଗଡଖୋର୍ଦ୍ଧାରେ ବହୁ ଐତିହ୍ୟ କୀର୍ତ୍ତିରାଜି ରହିଛି। ଏହାର ସୁରକ୍ଷା ଏବଂ ବିକାଶ ଜରୁରୀ। ଜିଲା ସଂସ୍କୃତି ଭବନ ପରିସରରେ ନିର୍ମାଣ ହୋଇଥିବା ପାଇକ ସଂଗ୍ରହାଳୟ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ। ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ତାପଙ୍ଗ ଦଳବେହେରାଙ୍କ ଦାୟାଦ ସଂଗ୍ରାମ ଜଗଦେବ କହିଛନ୍ତି, ପାଇକ ବୀର ତାପଙ୍ଗ ଦଳବେହେରାଙ୍କ ଗ୍ରାମ ନିଜଗଡ ତାପଙ୍ଗ ଅବହେଳିତ ଅବସ୍ଥାରେ ରହିଛି। ଦଳବେହେରାଙ୍କ ସ୍ମୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ଏକ ସ୍ମୃତି କମିଟି ଗଠନ କରାଯାଇଛି। ଐତିହ୍ୟ ଗ୍ରାମ ଏବଂ ପାଇକ ସଂଗ୍ରହାଳୟ ସ୍ଥାପନ ଲାଗି ସ୍ମୃତି କମିଟି ଦାବି କରିଛି। ପାଇକ ସ୍ମାରକୀ, ସଂଗ୍ରହାଳୟ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ବିଭିନ୍ନ ପାଇକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ କ୍ରୀଡ଼ାବିତ୍




ଜଟଣୀ,୧୪।୮(ଡି.ଏନ୍.ଏ.)

ଜଟଣୀରେ ହେବାକୁ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପାଇଁ ପ୍ରଥମ ପର୍ଯ୍ୟାୟରେ ସରକାର ୬କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଜଟଣୀ ନଗର ବିଜେଡି ପକ୍ଷରୁ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତିଭୂଷଣ ବଳବନ୍ତରାୟ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ, ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁତୋଷ ପ୍ରତାପସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଣପୁର,୧୪।୮(ଡି.ଏନ୍.ଏ.)

ବାଣପୁର ଥାନା ମାଟିଆପୋଖରୀ ଗ୍ରାମର ଜଣେ ଚାଷୀଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ସେ ହେଲେ ଚକ୍ରଧର ସାହୁ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଗ୍ରାମ ଠାକୁରାଣୀଙ୍କ ଜମିରେ ଚକ୍ରଧର ଭାଗଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଶୁକ୍ରବାର ସେ ତଳି ଉପାଡିବା ପାଇଁ ବିଲକୁ ଯାଇଥିବା ବେଳ ଆଉ ଘରକୁ ଫେରିନଥିଲେ। ଶନିବାର ସକାଳେ ଚକ୍ରଧର ଅନ୍ୟ ଜଣଙ୍କ ବିଲରେ ମରି ପଡିଥିବା ଦେଖିବାକୁ ମିଳିଥିଲା।




# ଖଣିରେ ଚଢ଼ାଉ: ୫ ଗାଡ଼ି ଜବତ

ନିରାକାରପୁର,୧୪।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଚୋରା ମାଙ୍କଡା ପଥର ଓ ମୋରମ୍ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଅଞ୍ଚଳରେ ଦୀର୍ଘଦିନ ହେବ ବେଆଇନ ଭାବେ ମାଙ୍କଡ଼ା ପଥର ଚୋରାଚାଲାଣ କରାଯାଉଛି। ଖବରପାଇ ଶନିବାର ସ୍ଥାନୀୟ ପୋଲିସ ଚଢ଼ାଉ କରି ୨ଟି ପଥର ବୋଝେଇ ମିନିଟ୍ରକ୍, ଗୋଟିଏ ଟ୍ରକ୍ ସମେତ ଦୁଇଟି ପାୱାରଟିଲର ଜବତ କରିଛି। ତେବେ ଖଣିମାଫିଆ ଓ ପଥର କାଟୁଥିବା ବ୍ୟକ୍ତିମାନେ ପୋଲିସକୁ ଚକମା ଦେଖାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ଗାଡ଼ିକୁ ଥାନାରେ ରଖାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୩/୨୧)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।




# ଶହୀଦ ସ୍ତମ୍ଭ, ଐତିହ୍ୟ ଗ୍ରାମ ମାନ୍ୟତା ଦାବି

ଖୋର୍ଦ୍ଧା ଅଫିସ,୧୪।୮

**୨୦ ଶହୀଦଙ୍କୁ ସରକାର ଭୁଲିଗଲେ**

ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ କରିବାକୁ ଯାଉଛି। ଏହି ଅବସରରେ କେନ୍ଦ୍ର ସରକାର ବର୍ଷେ ବ୍ୟାପୀ ଆଜାଦିକା ୭୫ବର୍ଷ ପାଳନ କରିବାକୁ ସ୍ଥିର କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେଉଁମାନଙ୍କ ତ୍ୟାଗ, ନିଷ୍ଠା ଓ ବଳିଦାନର ସ୍ୱରୂପ ଭାରତ ବର୍ଷ ସ୍ୱାଧୀନ ଲାଭ କରିଥିଲା ସେମାନଙ୍କ ଗାଁ ଆଜି ବି ଅବହେଳିତ ଅବସ୍ଥାରେ ରହିଛି। ଏଥିସହ ବଳିଦାନ ଦେଇଥିବା ଶହୀଦଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉ ନ ଥିବା ବେଳେ ସେମାନଙ୍କ ପରିବାର ପ୍ରତି ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏଭଳି ଏକ ଗାଁ ହେଉଛି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଚମ୍ପାଇଲୋ। ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ଭାବେ ଚମ୍ପାଇଲୋ ପରିଚିତ। ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଆଜାଦ ହିନ୍ଦ ଫୌଜରେ ସାମିଲ ହୋଇଥିଲେ। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଦେଶ ସ୍ୱାଧୀନ ହେଲା। ସ୍ୱାଧୀନ ଭାରତର ସ୍ୱର୍ଣ୍ଣିମ ଅଧ୍ୟାୟରୁ ଏହି ଗ୍ରାମ ସତେ ଯେପରି ଲିଭି ଯାଇଛି। ଏହି ଗ୍ରାମରେ ସଂଗ୍ରାମୀ ଭବନ କିମ୍ବା ଶହୀଦ ସ୍ତମ୍ଭଟିଏ ନିର୍ମାଣ କରାଯାଇନାହିଁ। ଏହି ଗ୍ରାମକୁ ସମ୍ମାନ ପ୍ରଦାନ କରାଯାଇନାହିଁ ବୋଲି କେତେଜଣ ଗ୍ରାମବାସୀ କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଏହି ଗ୍ରାମର ବିଶ୍ୱନାଥ ସାମନ୍ତ ଗାନ୍ଧୀଜୀଙ୍କ ଡାକରାରେ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ବ୍ରିଟିଶ ବିରୋଧରେ ଲଢ଼େଇର ପଦଚିହ୍ନ ସ୍ୱରୂପ ସରକାର ସ୍ୱାଧୀନତାର ସ୍ୱାକ୍ଷରତା ଭାବେ ମାନପତ୍ର ପ୍ରଦାନ କରିଛନ୍ତି। ତେବେ ତାଙ୍କ ସ୍ମୃତିରକ୍ଷା ପାଇଁ କୌଣସି ସହଯୋଗ କରିନାହାନ୍ତି ବୋଲି ତାଙ୍କ ଦାୟଦ ବସନ୍ତ ମଞ୍ଜରୀ ସାମନ୍ତ କହିଛନ୍ତି। ବିଶ୍ୱନାଥ ଉକ୍ତ ସମୟରେ ଖୋର୍ଦ୍ଧା ସବଡିଭିଜନ୍‌ରେ ପ୍ରଥମ ରାଜବନ୍ଦୀର ମାନ୍ୟତା ପାଇଥିଲେ। ସ୍ୱାଧୀନ ଭାରତରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ ବୋଲି ସାମନ୍ତ କହିଛନ୍ତି। ଖଦି ଆନ୍ଦୋଳନ ସମୟରେ ଏଠାରେ ନିର୍ମାଣ ହୋଇଥିବା ଖଦି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆଜାଦ୍ ହିନ୍ଦ ଫୌଜରେ ଯୋଗଦେଇଥିବା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣୀୟ ଉଦ୍ଦେଶ୍ୟରେ ସରକାର ସେମାନଙ୍କ ପରିବାରକୁ ତାମ୍ର ଫଳକ ଧରାଇ ଦେଇ ଅନ୍ୟ କୌଣସି ବ୍ୟବସ୍ଥା କରିନାହାନ୍ତି। କେନ୍ଦ୍ର ସରକାର ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ ଲାଗି କେନ୍ଦ୍ରୀୟସ୍ତରରେ କମିଟି ଗଠନ କରିଛନ୍ତି। ତେବେ ସୁବାଷଙ୍କ ସାଥିରେ ଲଢିଥିବା ସଂଗ୍ରାମୀଙ୍କୁ ଉପଯୁକ୍ତଙ୍କୁ ସମ୍ମାନାର୍ଥେ ସେମାନଙ୍କ ପ୍ରତିମୂର୍ତ୍ତି, ଶହୀଦ ସ୍ତମ୍ଭ ଏବଂ ଚମ୍ପାଇଲୋ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି।
















# ପ୍ରତି ଶନିବାର ଇଲେକ୍ଟ୍ରୋନିକ୍ସ, ବିପଦଜନକ ବର୍ଜ୍ୟବସ୍ତୁ ସଂଗ୍ରହ

ଖୋର୍ଦ୍ଧା ଅଫିସ,୧୪।୮

ଖୋର୍ଦ୍ଧା ପୌରସଂସ୍ଥା ପକ୍ଷରୁ ପ୍ରତି ଶନିବାର ଇଲେକ୍ଟ୍ରୋନିକ୍ସ ଓ ବିପଦଜନକ ବର୍ଜ୍ୟ ବସ୍ତୁ ସଂଗ୍ରହ କରାଯିବ। ଭଙ୍ଗା କିମ୍ବା ଅଚଳ କମ୍ପ୍ୟୁଟର, ଅଚଳ ଟିଭି, ଫ୍ୟାନ, ଭଙ୍ଗା ଲାପଟପ, ଅଚଳ ମୋବାଇଲ ଫୋନ, ଭଙ୍ଗା ପ୍ରିଣ୍ଟର, ଡିଭିଡି, ଟିଭି ରିମୋଟ ଆଦି ଇଲେକ୍ଟ୍ରୋନିକ୍ସ ବର୍ଜ୍ୟ ବସ୍ତୁ ଏବଂ ଭଙ୍ଗା ଡିବା, କୀଟନାଶକ ଡିବା, ଏକ୍ସପାଇରି ମେଡିସିନ, ଛୁଞ୍ଚି, ସିରିଞ୍ଜ, ପୁରୁଣା ବ୍ୟାଟେରି, ମୋଟର ତେଲ ଡିବା, ଭଙ୍ଗା ଥରମୋମିଟର, ଭଙ୍ଗା ବଲବ ଆଦି ବପଦଜନକ ବର୍ଜ୍ୟ ବସ୍ତୁ ସଂଗ୍ରହ କରାଯିବ। କିନ୍ତୁ ପୂର୍ବଭଳି ସବୁ ଦିନ ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁ ସଂଗ୍ରହ ହେବ। ମାତ୍ର ଶନିବାର ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ ହେବ ନାହିଁ ବୋଲି ପୌରସଂସ୍ଥା ପକ୍ଷରୁ କୁହାଯାଇଛି।

# ୨ କୋର୍ଟଚାଲାଣ, ମାରଣାସ୍ତ୍ର ଜବତ

**ହତ୍ୟାକରି କେନାଲ ହୁଡ଼ାରେ ଫିଙ୍ଗିଦେବା ଘଟଣା**

ବାଣପୁର,୧୪।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଝିଣ୍ଟିକାପଲ୍ଲୀ ଗ୍ରାମର କାହ୍ନୁ ଚରଣ ପରିଡ଼ା(୪୫)ଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି କେନାଲ ହୁଡ଼ାରେ ଫିଙ୍ଗି ଦେଇଥିଲେ। ଏନେଇ କାହ୍ନୁଚରଣଙ୍କ ସ୍ତ୍ରୀ ବବିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୯୦/୨୧)ରୁଜୁକରି ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିକ୍ରମ ନରେନ୍ଦ୍ର ସିଂହ ଓ ଦୁଲି ପରିଡ଼ା। ଏମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ସୂଚନାଥାଉ କି, କାହ୍ନୁଙ୍କ ସହ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ବିବାଦ ଲାଗି ରହିଥିଲା। କୌଣସି କାରଣକୁ ନେଇ ଗୁରୁବାର ରାତିରେ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ କାହ୍ନୁଙ୍କ ଗଣ୍ଡଗୋଳ ହୋଇଥିଲା। ପରେ କାହ୍ନୁ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ଗ୍ରାମ ନିକଟ ଶାଳିଆ କେନାଲ ହୁଡ଼ାରେ କାହ୍ନୁଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ସ୍ତ୍ରୀ ବବିତା ଦେଖିବାକୁ ପାଇଥିଲେ।




